# SWACHHATA PAKHWADA

Swachhata Pakhwada or Swachhata week was observed by the NSS Units of Gunupur College from 1st August 2021 to 15th August 2021, on the occasion of which Swachhata pledge was taken by the students. The workers in the campus were taught methods of washing hands and free masks were distributed to them. Free mask distribution was taken up in the nearby areas like Housing Board colony, Bandhuguda and other adopted villages. Plantation was done in the college premises by the faculty members of Odia, English, Physics, Chemistry and Mathematics departments.
76 students participated in the event.
Competitions were conducted for the students and they were asked to post entries in the WhatsApp group, the link of which is given below:

https://chat.whatsapp.com/IUt9SfMiOBh3dPhDXxvF3H




https://youtu.be/G2vf5IF0pzU https://publicapp.co.in/video/sp_l0igx3s1dbwqm?share=true
https://fb.watch/7o9mBBfEsT/

# JANATA NEWS

ସାଧାରଣ ଜନତାର ସ୍ୱର

Regd.No.Fre/LI/RGD-ODI/12/44/19.


## "ଗୁଣପୁର ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ତରଫରୁ ସ୍ୱଚ୍ଛତା ପକ୍ଷ ପାଳିତ"





ଗୁଣୁପୁର,୧୪/୦୮.ସମଗ୍ର ଭାରତବର୍ଷରେ ଅଗଷ୍ଟ ୧ରୁ ୧୫ ସ୍ୱଚ୍ଛତା ପକ୍ଷ* ରୂପେ ପାଳନ କରାଯାଉଛି । ଏହି ପରି ପ୍ରେକ୍ଷୀରେ, ଆଜି ଗୁଣପୁର ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଶାଖା ନମ୍ବର ଏକ, ଦୁଇ ଏବଂ ତିନି ତରଫରୁ ସ୍ୱଚ୍ଛତା ପକ୍ଷ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ନିକଟସ୍ଥ ହାଉସିଂବୋର୍ଡ କଲୋନୀ, ବନ୍ଧୁଗୁଡ଼ା ଆଦି ପୋଷ୍ୟଗ୍ରାମଗୁଡ଼ିକର ଜନସାଧାରଣଙ୍କୁ ତଥା ମହାବିଦ୍ୟାଳୟରେ କାମ କରୁଥିବା ଶ୍ରମିକମାନଙ୍କୁ ଫେସ୍ ମାସ୍କ ବଣ୍ଟନ କରାଯାଇଥିଲା । ଏହା ସହିତ ସଫାସୁତୁରା ରହିବାର ଆବଶ୍ୟକତା ସଂପର୍କରେ ଲୋକମାନଙ୍କୁ ସଚେତନ କରାଯାଇଥିଲା । ପରେ ଅନୁଷ୍ଠାନ ପରିସର ମଧ୍ୟରେ ଛାତ୍ରଛାତ୍ରୀମାନେ ନିଜକୁ ତଥା ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ଏକ ଶପଥ ପାଠ କରିଥିଲେ । ଏଥିରେ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ବାମଦେବ ମିଶ୍ର ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଜାତୀୟ ସେବା ଯୋଜନାର ପ୍ରାକ୍ତନ କାର୍ଯ୍ୟକ୍ରମ ଅଧିକାରୀ ତଥା ପ୍ରାଧାପକ ଶଶିଭୂଷଣ ମହାନ୍ତି ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଏହାର ପ୍ରାସଙ୍ଗିକତା ସଂପର୍କରେ ବୁଝାଇଥିଲେ । ଅଧାପକ ଅମୀୟ ରଞ୍ଜନ ମହାନ୍ତି, ପ୍ରାଧାପକ ଡକ୍ଟର ସୂର୍ଯ୍ୟନାରାୟଣ ପଣ୍ଡା ତଥା ଅଧାପିକା ସୁଶ୍ରୀ ଦେବୀଶ୍ରୀ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ଅଧିକାରୀମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହା ସହିତ 'ସ୍ୱଚ୍ଛତା ପଖୱାଡା' ନାମରେ ଏକ ଅନଲାଇନ୍ ଗ୍ରୁପ୍ ଗଠନକରି ସ୍ୱଚ୍ଛତା ଉପରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସ୍ଲୋଗାନ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାର ଆୟୋଜନ ମଧ୍ୟ କରାଯାଇଥିଲା ।


**Report by :pradeep patro**

# ଗୁଣପୁର ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ତରଫରୁ ସ୍ୱଚ୍ଛତା ପକ୍ଷ ପାଳିତ



ରାୟଗଡ଼ା (ମାନିସ): ସମଗ୍ର ଭାରତ ବର୍ଷରେ ଅଗଷ୍ଟ ୧ ରୁ ୧୫ ସ୍ୱଚ୍ଛତା ପକ୍ଷ ରୂପେ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ, ରାୟଗଡ଼ ଜିଲ୍ଲା ଗୁଣୁପୁର ସଦର ସ୍ଥିତ ଗୁଣପୁର ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଶାଖା ନମ୍ବର ଏକ, ଦୁଇ ଏବଂ ତିନି ତରଫରୁ ସ୍ୱଚ୍ଛତା ପକ୍ଷ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ନିକଟସ୍ଥ ହାଉସିଂବୋର୍ଡ କଲୋନୀ, ବନ୍ଧୁଗୁଡ଼ା ଆଦି ପୋଷ୍ୟଗ୍ରାମଗୁଡ଼ିକର ଜନସାଧାରଣଙ୍କୁ ତଥା ମହାବିଦ୍ୟାଳୟରେ କାମ କରୁଥିବା ଶ୍ରମିକମାନଙ୍କୁ ଫେସ୍ ମାସ୍କ ବଣ୍ଟନ କରାଯାଇଥିଲା । ଏହା ସହିତ ସଫାସୁତୁରା ରହିବାର ଆବଶ୍ୟକତା ସଂପର୍କରେ ଲୋକମାନଙ୍କୁ ସଚେତନ କରାଯାଇଥିଲା । ପରେ ଅନୁଷ୍ଠାନ ପରିସର ମଧ୍ୟରେ ଛାତ୍ରଛାତ୍ରୀମାନେ ନିଜକୁ ତଥା ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ଏକ ଶପଥ ପାଠ କରିଥିଲେ । ଏଥିରେ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ବାମଦେବ ମିଶ୍ର ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଜାତୀୟ ସେବା ଯୋଜନାର ପ୍ରାକ୍ତନ କାର୍ଯ୍ୟକ୍ରମ ଅଧିକାରୀ ତଥା ପ୍ରାଧ୍ୟାପକ ଶଶିଭୂଷଣ ମହାନ୍ତି ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଏହାର ପ୍ରାସଙ୍ଗିକତା ସଂପର୍କରେ ବୁଝାଇଥିଲେ । ଅଧ୍ୟାପକ ଅମୀୟ ରଞ୍ଜନ ମହାନ୍ତି, ପ୍ରାଧ୍ୟାପକ ଡକ୍ଟର ସୂର୍ଯ୍ୟନାରାୟଣ ପଣ୍ଡା ତଥା ଅଧ୍ୟାପିକା ସୁଶ୍ରୀ ଦେବୀଶ୍ରୀ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ଅଧିକାରୀମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହା ସହିତ 'ସ୍ୱଚ୍ଛତା ପଖୱାଡା' ନାମରେ ଏକ ଅନଲାଇନ୍ ଗ୍ରୁପ୍ ଗଠନକରି ସ୍ୱଚ୍ଛତା ଉପରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସ୍ଲୋଗାନ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାର ଆୟୋଜନ ମଧ୍ୟ କରାଯାଇଥିଲା ।








